ଧରିତ୍ରୀ
DHARITRI
ଶୁକ୍ରବାର, ୧୯ ଅଗଷ୍ଟ, ୨୦୨୨



## ସଂକ୍ଷେପରେ

### ସାହିତ୍ୟ ଏକାଡେମୀ ପକ୍ଷରୁ କବିତା ଆସର

ଗୁଣପୁର,୧୮।୮(ଡି.ଏନ.ଏ.)-ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ଓଡ଼ିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ଗୁଣପୁର ସରସ୍ୱତୀ ଶିଶୁମନ୍ଦିରଠାରେ ସ୍ୱରଚିତ ଦେଶାତ୍ମବୋଧକ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବରେଣ୍ୟ ଅତିଥିଭାବେ ଗୁଣପୁର ମହାବିଦ୍ୟାଳୟର ଅଧକ୍ଷ ସୂର୍ଯ୍ୟନାରାୟଣ ପଣ୍ଡା, ରାମନାଗୁଡ଼ା ବ୍ଲକର ବିଇଓ ସୁଜନ ମଲ୍ଲିକ, ଶିଶୁ ମନ୍ଦିରର ସମ୍ପାଦକ ସୋମନାଥ ଗୌଡ଼, ଶିକ୍ଷାବିତ ଗୋବିନ୍ଦ ସେନାପତି, ଆୟୋଜକ ପ୍ରତାପ କୁମାର ରାୟ ଓ ସଂଯୋଜକ ରମେଶ ମିଶ୍ର ମଞ୍ଚାସୀନ ଥିଲେ। ସରସତୀ ଶିଶୁମନ୍ଦିରର ବିଦ୍ୟାର୍ଥୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। କବି ଅଶ୍ୱିନୀ କୁମାର ତ୍ରିପାଠୀ ସ୍ୱାଗତ ଅଭିଭାଷଣ ରଖିଥିଲେ। କବି ପ୍ରଭାତ କୁମାର ଶତପଥୀ ଧନ୍ୟବାଦ ଦେଇଥିଲେ। କବିତାଗୁଡ଼ିକୁ ବେବୀରାଣୀ ନନ୍ଦ ଓ ପ୍ରମୋଦ କୁମାର ପଣ୍ଡା ସଂଯୋଜନା କରିଥିବା ବେଳେ ଗୁରୁଜୀ ଘୁଙ୍ଗୁଡ଼ରାମ ପାତ୍ର ‘ବନ୍ଦେ ମାତରମ୍’ ଗାନ କରିଥିଲେ। ସର୍ବମୋଟ ୨୩ ଦେଶାତ୍ମବୋଧକ କବିତା ପାଠ କରାଯାଇଥିଲା। କବି ସୀମାଞ୍ଚଳ କର, ସହଦେବ ରଥ, ନରସିଂହ ଶତପଥୀ, କୈଳାସ ଦାଶ, ସଂଯୁକ୍ତା ତ୍ରିପାଠୀ, ଶାନ୍ତିଲତା ରଥ, ନରସିଂହ ପଟ୍ଟନାୟକ, ଗାୟତ୍ରୀ କୁମାରୀ ମିଶ୍ର, ଦୁର୍ଗାପ୍ରସାଦ ଶତପଥୀ, ଦୁର୍ଗାପ୍ରସାଦ ପାଣିଗ୍ରାହୀ ପ୍ରମୁଖ କବି କବିତା ପାଠ କରିଥିବା ବେଳେ ସନ୍ତୋଷ କୁମାର ମିଶ୍ର ଓ ନୀଳମାଧବ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବର୍ଷାରେ ଦବିଗଲା ଆପ୍ରୋଚ ରୋଡ୍ ଯାତାୟାତ ବନ୍ଦ ପୂର୍ବରୁ ମରାମତି ଦାବି



ଚନ୍ଦ୍ରପୁର,୧୮।୮(ଡି.ଏନ୍.ଏ.)-ଲଗାଣବର୍ଷାରେ ଚନ୍ଦ୍ରପୁର ବ୍ଲକର ଝୁରିଗୁଡ଼ାଠାରୁ ବାଙ୍ଗରଡ଼ା ଦେଇ ଡାଙ୍ଗସୋରଡ଼ା ପୂର୍ତ୍ତ ବିଭାଗ ରାସ୍ତାକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାରେ ନିର୍ମିତ ବାଙ୍ଗରଡ଼ା ବଂଶଧାରା ପୋଲର ଆପ୍ରୋଚ ରୋଡ୍ ଦବିଯାଇଛି। ଫଳରେ ଏହି ରାସ୍ତାରେ ଆଗାମୀ ଦିନରେ ଯାତାୟାତ ସମ୍ଭବ ହେବନାହିଁ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଲଘୁଚାପ ପ୍ରଭାବରେ ପୁଣି ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଥିବାରୁ ଏହି ରାସ୍ତାର ଅବସ୍ଥା ଅଧିକ ଖରାପ ହେବା ଆଶଙ୍କା ରହିଛି। ତେଣୁ ଉକ୍ତ ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହେବା ପୂର୍ବରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଏଥିପ୍ରତି ଦୃଷ୍ଟିଦେଇ ରାସ୍ତା ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ଆଇନଜୀବୀଙ୍କ କଶ୍ମୀରରେ ପରଲୋକ

ଗୁଣପୁର,୧୮।୮(ଡି.ଏନ୍.ଏ.)-ରାୟଗଡ଼ା ଜିଲା ଗୁଣପୁର କୋର୍ଟର ଆଇନଜିବୀ ମୀନକେତନ ସାହୁ(୭୫)ଙ୍କ ଗୁରୁବାର ପରଲୋକ ଘଟିଛି। ସପରିବାର ଜମ୍ମୁ ଓ କଶ୍ମୀର ଭ୍ରମଣରେ ଯାଇଥିବାବେଳେ ହଠାତ ଶରୀରରେ ରକ୍ତସର୍କରା ସ୍ତର କମିଯିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ମୃତଦେହ ଗୁଣପୁର ନ ଅଣି ଶ୍ରୀନଗରରେ ହିଁ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ମୃତ୍ୟୁ ସମୟରେ ସ୍ତ୍ରୀଙ୍କ ସମେତ ତିନି ପୁଅ ଉପସ୍ଥିତ ଥିଲେ। ଏହି ଖବର ପହଞ୍ଚିବା ପରେ ଗୁଣପୁର ଠାରେ ଓକିଲ ସଂଘର ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକଙ୍କ ସମେତ ସମସ୍ତ ଓକିଲ ଶୋକ ପ୍ରକାଶ କରିଛନ୍ତି।

# ପ୍ରକଳ୍ପ ହସ୍ତାନ୍ତର ନ ହେଉଣୁ ଟାଙ୍କିରୁ ଗଳୁଛି ପାଣି

ଉମରକୋଟ,୧୮।୮(ସ୍ୱ.ପ୍ର.)

- ଜଳ ଜୀବନ ମିଶନରେ ୩ ମାସ ତଳେ ସରିଛି କାମ
- ସୂଚନା ଫଳକ ନାହିଁ, ଜଣାପଡୁନି ବ୍ୟୟ ଅଟକଳ

ଗ୍ରାମାଞ୍ଚଳର ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ଲକ୍ଷ୍ୟରେ ଜଳ ଜୀବନ ମିଶନରେ ପାନୀୟ ଜଳ ପ୍ରକଳ୍ପ କରାଯାଉଛି। ହେଲେ ତଳସ୍ତରରେ ଏଥିରେ ଦୁର୍ନୀତି କରାଯାଉଥିବା ଅଭିଯୋଗ ହେଉଛି। ନିମ୍ନମାନର କାମ ଯୋଗୁ ନିର୍ମାଣର ମାତ୍ର ୩ ମାସ ନ ପୂରୁଣୁ ପାଣିଟାଙ୍କିରୁ ପାଣି ଗଳୁଛି। ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ବଡ଼କୁମାରୀ ପଞ୍ଚାୟତର ୟୁଭି ୮ ଖୁରୁଗୁଡ଼ା ଗ୍ରାମରେ ଏଭଳି ଚିତ୍ର ଦେଖିବାକୁ ମିଳିଛି। ପାଣିଟାଙ୍କି ନିର୍ମାଣ ସରିଥିବାବେଳେ ଏହା ପଞ୍ଚାୟତକୁ ହସ୍ତାନ୍ତର କରାଯିବା ପୂର୍ବରୁ ହିଁ ଷ୍ଟୋରେଜ ଟାଙ୍କିରୁ ପାଣି ଗଳୁଛି।

୨୦୦ରୁ ଊର୍ଦ୍ଧ୍ୱ ପରିବାର ଥିବା ଗାଁଗୁଡ଼ିକ ଜଳ ଜୀବନ ମିଶନ ଅନ୍ତର୍ଭୁକ୍ତ ହୋଇପାରିବେ। ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ(ଆର୍‌ଡବ୍ଲୁଏସ୍ଏସ୍)ପକ୍ଷରୁ ଏହି କାମ କରାଯାଉଛି। ତେବେ ପରିତାପର ବିଷୟ ହେଲା ଏଠାରେ କେଉଁ ବିଭାଗ କାମ କରୁଛି ଏବଂ ପ୍ରକଳ୍ପର ଅଟକଳ ମୂଲ୍ୟ କେତେ ତାହାର କୌଣସି ସୂଚନା ଫଳକ ଦେଖିବାକୁ ମିଳୁନି। ଫଳରେ ଗ୍ରାମବାସୀ ଏବଂ ଲୋକ ପ୍ରତିନିଧି ପ୍ରକଳ୍ପର ବ୍ୟୟ ଅଟକଳ ଜାଣିବା ସମ୍ଭବ ହେଉ ନ ଥିବା ଅଭିଯୋଗ ହୋଇଛି।

ଗ୍ରାମବାସୀଙ୍କ ଅଭିଯୋଗ ହେଲା, ୮ ମାସ ତଳେ ଏହି ନିର୍ମାଣ କାମ ଆରମ୍ଭ ହୋଇଥିଲା। ୩ ମାସ ତଳେ କାମ ଶେଷ ହେବା ସହ ରଙ୍ଗ ମରାଯାଇଥିଲା। ଜଳ ଯୋଗାଣ ଠିକ୍‌ରେ ହୋଇପାରୁଛି କି ନାହିଁ ପରୀକ୍ଷା କରାଯିବା ପରେ ପ୍ରକଳ୍ପ ପଞ୍ଚାୟତକୁ ହସ୍ତାନ୍ତର କରାଯିବାର ଥିଲା। ହେଲେ ଟ୍ରାଏଲ୍ ସମୟରେ ହିଁ ଟାଙ୍କିରୁ ପାଣି ଗଳୁଥିବା ଜଣାପଡ଼ିଛି। ପ୍ରକଳ୍ପ କାମ ଚାଲିଥିବାବେଳେ ବିଭାଗୀୟ ଯନ୍ତ୍ରୀ, ବିଡିଓ କିମ୍ବା ଅନ୍ୟ ଅଧିକାରୀ ଠିକ୍‌ରେ ତଦାରଖ କରି ନ ଥିବାରୁ ଏଭଳି ସମସ୍ୟା ହୋଇଥିବା ଗ୍ରାମର ପ୍ରଣବ ମଣ୍ଡଳ, ସନ୍ତୋଷ ସୂତ୍ରଧର,



ପାଣି ଗଳୁଥିବା ଟାଙ୍କି ।

ସୁକେଶ ମଣ୍ଡଳ, ସଞ୍ଜୟ ମିସ୍ତ୍ରି, ଉଦୟନ ବିଶ୍ୱାସ, ଶଙ୍କର ଗରାମି ପ୍ରମୁଖ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏବେ ବିଭାଗ ପକ୍ଷରୁ ମୋଟର ଲଗାଇ ପାଣି ଯୋଗାଇଲେ ଲୋକ ପାଣି ପାଉଥିବା ବେଳେ ଷ୍ଟୋରେଜ ଟାଙ୍କିର ପାଣି କାହାକୁ ମିଳୁନାହିଁ। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଆର୍‌ଡବ୍ଲୁଏସ୍ଏସ୍‌ର ପ୍ରାୟ କାମ ପାଇଁ ଠିକାଦାର ସରକାରଙ୍କ ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ମୂଲ୍ୟରେ ଟେଣ୍ଡର ପାଇଥାନ୍ତି। ତଥାପି ଜନସାଧାରଣଙ୍କ ସ୍ୱାର୍ଥକୁ ବେଖାତିର କରି କାମରେ ଅବହେଳା କାହିଁକି କରାଗଲା ବୋଲି ପ୍ରଶ୍ନ ଉଠିଛି। ଏଠାରେ ଅଧିକାରୀମାନଙ୍କ କାର୍ଯ୍ୟକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଏ ନେଇ କନିଷ୍ଠ ଯନ୍ତ୍ରୀ ସତ୍ୟପ୍ରକାଶ ସିଆଲଙ୍କୁ ପଚାରିବାରୁ କହିଛନ୍ତି, କିଏ କହିଲା ପାଣି ଗଳୁଛି। ଆମେ ଟ୍ରାଏଲ୍ କରିବା ସମୟରେ ଠିକ୍ ଥିଲା। ଏହି ଅଭିଯୋଗର କୌଣସି ସତ୍ୟତା ନାହିଁ । ଏଭଳି ପରିସ୍ଥିତିରେ ଘଟଣାରେ ଜିଲାପାଳ ହସ୍ତକ୍ଷେପ କରନ୍ତୁ ଏବଂ ଭିଜିଲାନ୍ସ ତଦନ୍ତ କରାଯାଉ ବୋଲି ଖୁରୁଗୁଡ଼ା ଗ୍ରାମବାସୀ ଦାବି କରିଛନ୍ତି। ଏଥିସହ ଉମରକୋଟ ବ୍ଲକରେ ପ୍ରାୟ ୨୦ ଗ୍ରାମରେ ଏହି ମିଶନ ଅଧୀନରେ ହୋଇଥିବା ନିର୍ମାଣ କାମର ମଧ୍ୟ ଅନୁଧ୍ୟାନ କରିବା ନିମନ୍ତେ ମତପ୍ରକାଶ ପାଇଛି।

# ଉତ୍ସର୍ଗୀକୃତ ସ୍ୱାସ୍ଥ୍ୟସେବା ପାଇଁ ପାପଡ଼ାହାଣ୍ଡି ସିଏଚ୍‌ସି ସମ୍ମାନିତ



ସିଏଚ୍‌ସି ଅଧୀକ୍ଷକ ଏବଂ ସମ୍ମାନିତ ସ୍ୱାସ୍ଥ୍ୟଟିମ୍।

ନବରଙ୍ଗପୁର,୧୮।୮(ବି.ପ୍ର.)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚ୍‌ସି) ଜିଲାପାଳଙ୍କ ଦ୍ୱାରା ସମ୍ମାନିତ ହୋଇଛି। ସ୍ୱାଧୀନତା ଦିବସ ପାଳନ ଅବସରରେ ଜିଲାପାଳ କମଳ ଲୋଚନ ମିଶ୍ର ସମ୍ମାନିତ କରିଛନ୍ତି। ଅଗଷ୍ଟ ୨ ରୁ ପାପଡ଼ାହାଣ୍ଡି ବ୍ଲକ ତୁଳସୀପଦର ଗ୍ରାମରେ ଝାଡ଼ାବାନ୍ତି ବ୍ୟାପିଥିବା ସମୟରେ ସ୍ୱାସ୍ଥ୍ୟକେନ୍ଦ୍ର ମୋବାଇଲ ୟୁନିଟର ଏକ ଟିମ୍ ଏବଂ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ୨ ଟିମ୍ ମିଶି ୧୦ଦିନ ଧରି ଲୋକଙ୍କୁ ଦିନରାତି ସେବା ଯୋଗାଇଥିଲେ। ଫଳରେ ଉକ୍ତ ଗ୍ରାମରେ ଝାଡ଼ାବାନ୍ତି ନିୟନ୍ତ୍ରଣ ପରିସ୍ଥିତିକୁ ଆସିବା ସହ ଆକ୍ରାନ୍ତ ସୁସ୍ଥ ହୋଇଥିଲେ। ତେଣୁ ସ୍ୱାସ୍ଥ୍ୟ ଟିମ୍ ଏବଂ ଆୟୁଷ ଡା. ବିଭୁତି ଭୂଷଣ ନାୟକ, ଫାର୍ମାସିଷ୍ଟ ସମୀର ରଞ୍ଜନ ପାତ୍ର, ଏଏନ୍ଏମ୍ ଶାନ୍ତିଲତା ନାୟକ, ଆଶାକର୍ମୀ ଗୋମତି ହରିଜନ ଏବଂ ସ୍ୱାସ୍ଥ୍ୟ ସୁପରଭାଇଜର ଛବିଳ ନାୟକଙ୍କୁ ଜିଲାପାଳ ସମ୍ମାନିତ କରିଛନ୍ତି। ପରବର୍ତ୍ତୀ ସମୟରେ ପାପଡ଼ାହାଣ୍ଡି ସିଏଚ୍‌ସି ଅଧୀକ୍ଷକ ପ୍ରିୟବ୍ରତ ବାହାଲି ଟିମ୍‌ର ସମସ୍ତ କର୍ମଚାରୀଙ୍କୁ ସମ୍ମାନିତ କରିଥିଲେ।

# କୃଷକଙ୍କ ଆୟ ବଢ଼ାଇବ ୟୁଏଆଇଏଲ୍‌ର ‘ୱାଡି’ ପ୍ରକଳ୍ପ

ରାୟଗଡ଼ା ଅଫିସ,୧୮।୮

କୃଷକଙ୍କ ଆୟକୁ ଦ୍ୱିଗୁଣିତ କରିବା ଲକ୍ଷ୍ୟ ନେଇ ରାୟଗଡ଼ା ଜିଲା ଟିକିରି ସ୍ଥିତ ଉତ୍କଳ ଆଲୁମିନା ଇଣ୍ଟରନ୍ୟାଶନାଲ ଲିମିଟେଡ (ୟୁଏଆଇଏଲ୍)ପକ୍ଷରୁ ସିଏସ୍ଆର୍ କାର୍ଯ୍ୟକ୍ରମ ମାଧ୍ୟମରେ କାର୍ଯ୍ୟକାରୀ ହୋଇଛି ୱାଡି ପ୍ରକଳ୍ପ। ୨୦୧୮ରୁ ନାବାର୍ଡ ସହଭାଗିତାରେ କାଶୀପୁର ବ୍ଲକର ୧୭ଟି ଗ୍ରାମରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଉତ୍କଳ ଆଲୁମିନାର ୟୁନିଟ ମୁଖ୍ୟ ଓ ସଭାପତି ମଜହର ବେଗ କହିଛନ୍ତି, ଲୋକଙ୍କ ଆୟ ଦୁଇଗୁଣ କରିବା ଲକ୍ଷ୍ୟ ନେଇ ଏହି ପ୍ରକଳ୍ପ ଆରମ୍ଭ କରାଯାଇଥିଲା। ୪ ବର୍ଷ ମଧ୍ୟରେ ପ୍ରକଳ୍ପ ସଫଳତା ଆଣିଦେଇଛି। ଆଗାମୀ ଦିନରେ ଏହା କୃଷକଙ୍କ ଆୟରେ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିବ ବୋଲି ସେ କହିଛନ୍ତି।

ଆଗ୍ରୋ–ହର୍ଟି ଚାଷ ଏବଂ ଅନ୍ୟ ଆୟକାରୀ କାର୍ଯ୍ୟକ୍ରମ ଜରିଆରେ ଦୀର୍ଘସ୍ଥାୟୀ ଭିତ୍ତିରେ ୩ ରୁ ୬ ବର୍ଷ ମଧ୍ୟରେ ଗ୍ରାମାଞ୍ଚଳ ଆଦିବାସୀ ପରିବାରର ଆୟ ବୃଦ୍ଧି କରି ସେମାନଙ୍କ ଜୀବନ ଧାରଣର ମାନରେ ଉନ୍ନତି ଅଣିବା ଉପରେ କମ୍ପାନୀ ଦୃଷ୍ଟି ଦେଉଛି। ଏହି ପ୍ରକଳ୍ପ ପିପିପି



ୱାଡି ପ୍ରକଳ୍ପ ମାଧ୍ୟମରେ ଜଣେ ଚାଷୀ ଆମ୍ବଚାଷ କରିଛନ୍ତି।

ମୋଡ୍‌ରେ କାର୍ଯ୍ୟକାରୀ କରାଯାଉଛି। ନାବାର୍ଡ ୬୦% ଅର୍ଥ ଅନୁଦାନ ପାଣ୍ଠି ଆକାରରେ ଯୋଗାଉଥିବାବେଳେ ଉତ୍କଳ ଆଲୁମିନା ୪୦% ଅର୍ଥ ସିଏସ୍ଆର ପାଣ୍ଠି ଅଧୀନରେ ଯୋଗାଉଛି। ଏଥିପାଇଁ ମୋଟ ୪୬୫.୭୫ ଲକ୍ଷ ଟଙ୍କାର ପାଣ୍ଠି ଯୋଗାଇ ଦିଆଯାଇଥିବା ସୂଚନା ମିଳିଛି। ଆଦିବାସୀ ପରିବାରର ପତିତ ଜମିକୁ ଫଳବଗିଚାରେ ପରିବର୍ତ୍ତନ କରିବା ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ। ଏଥିସହ ଏହା ଭୂମିହୀନ ପରିବାରକୁ ଛେଳି ପାଳନ ଜରିଆର ଜୀବିକା ଯୋଗାଇବାକୁ ଲକ୍ଷ୍ୟ ରଖିଛି। ପ୍ରକଳ୍ପର କାର୍ଯ୍ୟକାରିତା ନିରୀକ୍ଷଣ, ଫଳବଗିଚା ଦେଖାଶୁଣା ଏବଂ କୃଷିଜାତ ସାମଗ୍ରୀର ସାମୂହିକ ବିକ୍ରିବଟା ଆଦିରେ ୧୭ ଉଦ୍ୟାନ ବିକାଶ ସମିତି(ୟୁଭିଏସ୍) ନିୟୋଜିତ ଅଛି। ପତିତ ଜମି ବିକାଶ, ଫଳବଗିଚା ବିକାଶ, ଗୋସମ୍ପଦର ବିକାଶ, ସଙ୍ଗଠନ ଗଠନ ଏବଂ ମହିଳାଙ୍କ ବିକାଶ ଆଦି କ୍ଷେତ୍ରରେ ୫୦୦ ଆଦିବାସୀ କୃଷକଙ୍କୁ ତାଲିମ ଦିଆଯାଉଛି। ସେହିପରି ଜଳସେଚନ ସୁବିଧା ନ ଥିବା ୧୩୦ ଏକର ଜମିକୁ ସୌରଶକ୍ତି ଚାଳିତ ନଦୀଜଳ ଉଠାଣ ଏବଂ ଜଳଧାର ଗତିପଥ ପରିବର୍ତ୍ତନ ଭିତ୍ତିକ ଜଳସେଚନ ବ୍ୟବସ୍ଥାରେ ଜଳସେଚିତ କରାଯାଇପାରିଛି । ଉକ୍ତ ଅଞ୍ଚଳରେ ମୋଟ ୨,୯୪୮ ଫଳ ଚାରା ଏବଂ ୧୯,୮୦୧ରୁ ଅଧିକ ଜଙ୍ଗଲ ସୃଷ୍ଟିକାରୀ ବୃକ୍ଷଚାରା ରୋପଣ କରାଯାଇଛି। ପନିପରିବା ଚାଷକୁ ପ୍ରୋତ୍ସାହିତ କରାଯାଉଥିବାରୁ କୃଷକ ପରିବାରର ପୋଷଣଗତ ସମସ୍ୟାର ମଧ୍ୟ ସମାଧାନ ହେଉଛି ବୋଲି ୟୁନିଟ ମୁଖ୍ୟ ବେଗ୍ କହିଛନ୍ତି। ହିତାଧିକାରୀଙ୍କର ବ୍ୟାଙ୍କ ଖାତା ଖୋଲାଯାଇ ଏବଂ ବ୍ୟାଙ୍କ କାରବାର କରିବାକୁ ସେମାନଙ୍କୁ ଉତ୍ସାହିତ କରି ଆର୍ଥିକ ଅନ୍ତର୍ଭୁକ୍ତିକୁ ସୁନିଶ୍ଚିତ କରାଯାଉଛି। ଆନ୍ତଃ କୃଷି ଦ୍ୱାରା ପ୍ରତ୍ୟେକ କୃଷକଙ୍କ ମାସିକ ହାରାହାରି ଆୟ ୩ ହଜାରରୁ ୪ହଜାର ଟଙ୍କା ହେଉଥିବା କୁହାଯାଇଛି।

# ଜଙ୍ଗଲକୁ ଫେରୁନାହାନ୍ତି ହାତୀ, ଚିନ୍ତାରେ ଲୋକେ



ଗୁଣପୁର,୧୮।୮(ଡି.ଏନ୍.ଏ.)

ହାତୀକୁ ନେଇ ଏବେ ଗୁଣପୁର ଅଞ୍ଚଳବାସୀ ଚିନ୍ତାରେ। ସହର ଠାରୁ ଅଳ୍ପ ଦୂରରେ ୬ ଟିକିଆ ହାତୀପଲ ରହିଛନ୍ତି। ବୁଧବାର ହାତୀପଲ ସହର ନିକଟ ଖର୍ଲିଂ ଗ୍ରାମରେ ଥିବା ଧାନଜମିରେ ଚାଲି ଫସଲ ନଷ୍ଟ କରିଛନ୍ତି। ଜମିରେ ହାତୀଙ୍କ ପାଦଚିହ୍ନ ଦେଖିବାକୁ ମିଳିଛି। ସେହିଭଳି ବନ୍ଧୁଗୁଡ଼ା ଅଞ୍ଚଳର ସିଙ୍ଗାନା ଶବରଙ୍କ କୁଡ଼ିଆଘର ନଷ୍ଟ କରିଥିବା ଅଭିଯୋଗ ହୋଇଛି। ହାତୀ ଗତ ଏକ ମାସ ହେଲା ସହରର ଆଖପାଖ ଜଙ୍ଗଲରେ ରହିଛନ୍ତି। ହାତୀ ଜଙ୍ଗଲ ମଧ୍ୟକୁ ଯାଉ ନ ଥିବାବେଳେ ସବୁ ଅଞ୍ଚଳରେ ଲୋକେ ହାତୀ ଗ୍ରାମକୁ ପଶିଯିବା ଭୟରେ ରହିଛନ୍ତି। ନିଆଁ ଲଗାଇ ବାଜାବଜାଇ ଘଉଡ଼ାଉଛନ୍ତି। ଫଳରେ ହାତୀ ଜଙ୍ଗଲ ଭିତରକୁ ଯାଇ ନ ପାରି ସହର ପାଖ ନିକଟ ଜଙ୍ଗଲରେ ଡେରା ପକାଇଛନ୍ତି। ଏପରି ସ୍ଥିତିରେ ସବୁଠାରେ ହାତୀକୁ ନେଇ ଭୟର ବାତାବରଣ ସୃଷ୍ଟି ହୋଇଛି। ଗୁରୁବାର ସନ୍ଧ୍ୟାରେ ହାତୀ ପୌର ପରିଷଦ ଅଧୀନ ହାଉସିଂ ବୋର୍ଡ କଲୋନୀ ନିକଟ ଆଦିବାସୀଙ୍କ ଶ୍ମଶାନ ଅଞ୍ଚଳରେ ଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ଏବେ ସହରବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି।

# କୁଣ୍ଡା ଟ୍ରକ୍‌ରୁ ୨.୫ କୋଟିର ଗଞ୍ଜେଇ ଜବତ, ୨ ଗିରଫ

ରାୟଗଡ଼ା ଅଫିସ,୧୮।୮

**ବିଶାଖାପାଟଣାରୁ ଦିଲ୍ଲୀ ଚାଲାଣ ହେଉଥିଲା**

କୁଣ୍ଡା ବୋଝେଇ ଟ୍ରକ୍‌ରେ ଅଭିନବ ଉପାୟରେ ଦିଲ୍ଲୀକୁ ଗଞ୍ଜେଇ ଚାଲାଣବେଳେ ରାୟଗଡ଼ା ଜିଲା ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ଟ୍ରକ୍‌କୁ ଜବତ କରାଯାଇଛି। ଗାଡ଼ିରୁ ୨.୫ କୋଟି ଟଙ୍କାର ଗଞ୍ଜେଇ ଜବତ କରାଯିବା ସହ ଏଥିରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଦିଲ୍ଲୀର ଦିନେଶ କୁମାର ଓ ଚନ୍ଦନ କୁମାର।

ସୂଚନା ଅନୁଯାୟୀ, ମଧ୍ୟାହ୍ନ ସମୟରେ ଅବକାରୀ ଟିମ୍ ପାଟ୍ରୋଲିଂ କରିବା ସମୟରେ ଦ୍ରୁତଗତିରେ ଯାଉଥିବା ଏକ ଟ୍ରକ(ସିଜି–୧୩–ୱାଇ–୫୨୬୩)କୁ ସନ୍ଦେହରେ ଅଟକାଇଥିଲ। ଯାଞ୍ଚବେଳେ ଉପରେ କୁଣ୍ଡାବସ୍ତା ଏବଂ ଏହା ତଳକୁ ଗଞ୍ଜେଇ ବସ୍ତା ବାହାରିଥିଲା। ଫଳରେ ଟ୍ରକଟିକୁ ଜବତ କରି ଜିଲା ଅବକାରୀ କାର୍ଯ୍ୟାଳୟକୁ ଅଣାଯାଇ ପୁଣି ଯାଞ୍ଚ କରାଯାଇଥିଲା। ଗାଡ଼ିରୁ ମୋଟ ୧୨୭ ବସ୍ତା(୪୫୦୦ କେଜି) ଗଞ୍ଜେଇ ବାହାରିଥିଲା। ଉକ୍ତ ଗଞ୍ଜେଇ ବିଶାଖାପାଟଣାରୁ କୋରାପୁଟ ଦେଇ ଦିଲ୍ଲୀ ଚାଲାଣ ହେଉଥିଲା ବୋଲି ଅବକାରୀ ଏସ୍‌ପି ଅଭିରାମ ବେହେରା ସୂଚନା ଦେଇଛନ୍ତି।

# ଚୋରି ଅଭିଯୋଗରେ ୪ ଗିରଫ



ଗିରଫ ୪ ଅଭିଯୁକ୍ତ ।

ଡାବୁଗାଁ,୧୮।୮(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ପୋଲିସ ଚୋରି ଅଭିଯୋଗରେ ୪ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ରେଭିନ୍ୟୁ ନୂଆଗୁଡ଼ା ଗ୍ରାମର ଭୀମ ଜାନୀ (୨୩), ମନୁ ଜାନୀ(୨୩), ଶଙ୍କର ଗୌଡ଼(୨୭) ଏବଂ ଉମରକୋଟ ଥାନା ଅଧୀନ ରତିଗୁଡ଼ା ଗ୍ରାମର ରୂପସିଂ ଗୌଡ଼(୨୬)।

ସୂଚନା ଅନୁଯାୟୀ, କିଛି ଦିନ ତଳେ ଡାବୁଗାଁ ମଧ୍ୟ ଇଂରାଜୀ ବିଦ୍ୟାଳୟ, ଏକ ଦୋକାନ ଓ କିଛି ଲୋକଙ୍କ ଘରୁ ଚୋରି ହୋଇଥିବା ନେଇ ଡାବୁଗାଁ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏହାର ତଦନ୍ତ କରି ଅଭିଯୁକ୍ତ ମାନଙ୍କୁ ବୁଧବାର ଗିରଫ କରିଥିଲା। ସେମାନଙ୍କ ନିକଟରୁ ୨ ଟି ଗ୍ୟାସ ସିଲିଣ୍ଡର, ୨ ଆଲୁମିନିୟମ ହାଣ୍ଡି, ଗୋଟିଏ ଗ୍ୟାସ ଚୁଲା, ୧୦ ଲୁହା ପାଇପ୍ ଓ ୮ ହଜାର ଟଙ୍କା ଜବତ କରାଯାଇଛି। ଜବତ ସାମଗ୍ରୀ ଯୁବକ ସଂଘ କାର୍ଯ୍ୟାଳୟ ପଛପଟ ଲତାବୁଦା, ପୋଖରୀ ଓ ପାଇଖାନା ମଧ୍ୟରୁ ମିଳିଥିଲା। ଚଢ଼ାଉରେ ଏସ୍ଆଇ ମେନକା ସା, ଏଏସ୍ଆଇ ଶିଶିରକାନ୍ତ ଘୋଷଙ୍କ ସମେତ କର୍ମଚାରୀ ସାମିଲ ଥିଲେ। ଏସ୍ଆଇ କୁଳଭୂଷଣ ନାୟକ ମାମଲାର ତଦନ୍ତ କରୁଛନ୍ତି। ଏ ନେଇ ୧୩୨/୨୨ ରେ ଏକ ମାମଲା ରୁଜୁ କରାଯାଇଛି।

# ଡିଏଲ୍ଏସ୍ଏ ପକ୍ଷରୁ ଜିଲାସ୍ତରୀୟ ପ୍ରତିଯୋଗିତା

ନବରଙ୍ଗପୁର,୧୮।୮(ବି.ପ୍ର.)

ନବରଙ୍ଗପୁର ଜିଲା ଆଇନ ସେବା ପ୍ରାଧିକରଣ(ଡିଏଲ୍ଏସ୍ଏ) ପକ୍ଷରୁ ନୂତନ ଜିଲା କୋର୍ଟ ପରିସରରେ ଜିଲାର ୧୬ ଆଇନ ସାକ୍ଷରତା କ୍ଲବର ଛାତ୍ରୀଛାତ୍ରଙ୍କ ମଧ୍ୟରେ କ୍ଷୁଦ୍ର ନାଟକ, ପ୍ରବନ୍ଧ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମହିଳା ସଶକ୍ତୀକରଣ, ପରିମଳ ବ୍ୟବସ୍ଥା, ଟ୍ରାଫିକ ନିୟମାବଳୀ ଓ ଅନ୍ୟ ବିଷୟବସ୍ତୁକୁ ନେଇ ପ୍ରତିଯୋଗିତା ହୋଇଥିଲା। ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲା ଜଜ୍(ପୋକ୍‌ସୋ) ପ୍ରଣତୀ ଶାହା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଜଜ୍ ଶିବ ପ୍ରସାଦ ମିଶ୍ର, ଡିଏଲ୍ଏସ୍ଏର ସମ୍ପାଦକ ଜନକ ରାଉତ, ବରିଷ୍ଠ ଦେୱାନୀ ଜଜ୍ ଅନ୍ନପୂର୍ଣ୍ଣା ନାୟକ, ଜିଲା କୋର୍ଟର ରେଜିଷ୍ଟ୍ରାର ସୁକାନ୍ତ କିଶୋର ଜେନା, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ ରାଜଶ୍ରୀ ଅରୟବାଲା ତ୍ରିପାଠୀ ଓ ଏବିଇଓ ରେଶମଲାଲ ନାୟକ ପ୍ରମୁଖ ଯୋଗ ଦେଇଥିଲେ। କ୍ଷୁଦ୍ର ନାଟକ



ଅତିଥିମାନଙ୍କ ଗହଣରେ ପୁରସ୍କୃତ ପ୍ରତିଯୋଗୀମାନେ।

ପ୍ରତିଯୋଗିତାରେ ବିଚାରକ ଭାବେ ଡିଏଲ୍ଏସ୍ଏର ସମ୍ପାଦକ ଜନକ ରାଉତ, ଦେବଦାସ ମହାକୁଡ଼, ଯୁଗଳ କିଶୋର ତ୍ରିପାଠୀ ଏବଂ ପ୍ରବନ୍ଧ, ବକ୍ତୃତା ଓ ଚିତ୍ରାଙ୍କନା ପ୍ରତିଯୋଗିତାରେ ଅତିରିକ୍ତ ଜିଲାଜଜ୍ ଶିବ ପ୍ରସାଦ ମିଶ୍ର, ବରିଷ୍ଠ ଦେବାନୀ ଜଜ୍ ଅନ୍ନପୂର୍ଣ୍ଣା ନାୟକ, ଜିଲାକୋର୍ଟ ରେଜିଷ୍ଟ୍ରାର ସୁକାନ୍ତ କିଶୋର ଜେନା, ଅବନୀ କୁମାର ତ୍ରିପାଠୀ, ଜଗଦୀଶ ତ୍ରିପାଠୀ ଓ ବସନ୍ତ ବେନିଆ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଜିଲାର ୧୬ ବିଦ୍ୟାଳୟର ଆଇନ ସାକ୍ଷରତା କ୍ଲବର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ଭାଗ ନେଇଥିବା ଆଇନ ସାକ୍ଷରତା କ୍ଲବ ମଧ୍ୟରୁ ରାଇଘର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରିଛି। ନନ୍ଦାହାଣ୍ଡି ସରକାରୀ ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ ଏବଂ ଡଙ୍ଗରଭେଜା ଅପ୍‌ଗ୍ରେଡେଡ୍ ଉପଗ୍ରେଡେଡ୍ ହାଇସ୍କୁଲ ତୃତୀୟ ସ୍ଥାନରେ ରହିଛି। କ୍ଷୁଦ୍ର ନାଟକରେ ବିଜୟୀ ଦଳକୁ ଟ୍ରଫି ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଛି। ପ୍ରବନ୍ଧରେ ନୂଆଗଡ଼ ସରସତୀ ଶିଶୁମନ୍ଦିରର ସାଇସ୍ମିତା ସାହୁ, ଚିତ୍ରାଙ୍କନରେ ପାପଡ଼ାହାଣ୍ଡି ଲାଲବାହାଦୁର ସରକାରୀ ହଇସ୍କୁଲର ଆଶ୍ରା ସିରିନ ଓ ବକ୍ତୃତାରେ ନୂଆଗଡ଼ ସରସ୍ୱତୀ ଶିଶୁମନ୍ଦିରର ଅନିରୁଦ୍ଧ ପଣ୍ଡା ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଆଇନଜୀବୀ କିଶୋରୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ବୃଦ୍ଧଙ୍କ ଆକସ୍ମିକ ମୃତ୍ୟୁ

କୋଡ଼ିଙ୍ଗା/କୋଷାଗୁମୁଡ଼ା, ୧୮।୮(ଡି.ଏନ.ଏ.)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ସଦର ସ୍ଥିତ ଆର୍ଏମ୍‌ସି ମାର୍କେଟ କମ୍ପ୍ଲେକ୍ସ ଠାରେ ଗୁରୁବାର ଜଣେ ବୃଦ୍ଧଙ୍କ ଆକସ୍ମିକ ମୃତ୍ୟୁ ଘଟିଛି। ସେ ହେଲେ କୋଡ଼ିଙ୍ଗା ପଞ୍ଚାୟତ ରତାଖଣ୍ଡିଗୁଡ଼ା ଗ୍ରାମର ଘାସିରାମ ମାଝି(୭୫)। ହଠାତ ପଡ଼ିଯାଇ ତାଙ୍କର ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ୨ବର୍ଷ ହେଲା ଘାସିରାମ ଗାଁରେ ନ ରହି ଏଣେତେଣେ ବୁଲୁଥିଲେ। ୩ ମାସ ହେଲା ସେ କୋଷାଗୁମୁଡ଼ାରେ ରହୁଥିଲେ। ସକାଳେ ଆର୍ଏମ୍‌ସି ମାର୍କେଟ କମ୍ପ୍ଲେକ୍ସକୁ ଅସିଥିବାବେଳେ ହଠାତ ଟଳିପଡ଼ିଥିଲେ। ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିବା ପରେ ସ୍ଥାନୀୟ ପୋଲିସ ଏବଂ ରତାଖଣ୍ଡିଗୁଡ଼ା ଗ୍ରାମରେ ଥିବା ଝିଅ–ଜାଇଁକୁ ଖବର ଦିଆଯାଇଥିଲା। ଏ ନେଇ ଝିଅ ରତ୍ନା ମାଝି କୋଷାଗୁମୁଡ଼ା ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଥିବା ଏଏସ୍ଆଇ ସୂଚନା ଦେଇଛନ୍ତି।

# ବିପଦର ବନ୍ଧୁ ସାଜିଲେ ରସିକ

ଚନ୍ଦାହାଣ୍ଡି,(ଡି.ଏନ୍.ଏ.)

ରକ୍ତହୀନତାର ଶିକାର ହୋଇଥିବା ବାଳକଙ୍କୁ ରକ୍ତଦାନ କରି ବିପଦର ବନ୍ଧୁ ସାଜିଛନ୍ତି ଜଣେ ଯୁବକ। ସେ ହେଲେ ଚନ୍ଦାହାଣ୍ଡି ବ୍ଲକ ଉପାନ୍ତ ବେଲପାଟି ଗ୍ରାମର ରସିକ ନାଗ। ସୂଚନା ଅନୁଯାୟୀ, ଚନ୍ଦାହାଣ୍ଡି ବ୍ଲକ ଗମ୍ଭାରିଗୁଡ଼ା ପଞ୍ଚାୟତ ଖୈରଭାଡ଼ି ଗ୍ରାମର ପୁରୁଷୋତ୍ତମ ଗୋପାଳଙ୍କ ପୁଅ ପାର୍ଥସାରଥୀ(୧୧) କିଛି ଦିନ ହେଲା ଜ୍ୱରରେ ଆକ୍ରାନ୍ତ ହୋଇ ରକ୍ତହୀନତାର ଶିକାର ହୋଇଥିଲେ। କଳାହାଣ୍ଡି ଜିଲା ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ତାଙ୍କର ଚିକିତ୍ସା ଚାଲିଛି। ତାଙ୍କୁ ରକ୍ତର ଆବଶ୍ୟକତା ଥିବା ଡାକ୍ତର କହିବାପରେ ପରିବାର ଲୋକେ ଚିନ୍ତାରେ ପଡ଼ିଥିଲେ। ସାମାଜିକକର୍ମୀ ତଥା ଯୁବନେତା ଭୋଦେ ବାଘଙ୍କୁ ଏ ନେଇ ପରିବାର ଲୋକେ



ଜଣାଇଥିଲେ। ତାଙ୍କଠାରୁ ରସିକ ଖବର ପାଇ ଧର୍ମଗଡ଼ ଯାଇ ପାର୍ଥଙ୍କୁ ରକ୍ତଦାନ କରିଥିଲେ। ରସିକଙ୍କୁ ପାର୍ଥଙ୍କ ପରିବାର ଲୋକେ ପ୍ରଶଂସା କରିଛନ୍ତି।



ଅଞ୍ଚଳଗୁମ୍ମା ଶିଶୁ ମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ ।



ପାପଡ଼ାହାଣ୍ଡି ସରସ୍ୱତୀ ଶିଶୁ ମନ୍ଦିରରେ ବିଭିନ୍ନ ବେଶରେ ଛାତ୍ରୀଛାତ୍ର ।



ନବରଙ୍ଗପୁର ମେଦ୍ରିସାହି ସ୍ଥିତ ସରସ୍ୱତୀ ଶିଶୁ ଜ୍ଞାନ ମନ୍ଦିରରେ ଜନ୍ମାଷ୍ଟମୀ ପାଳନ କରାଯାଉଛି ।



ରାୟଗଡ଼ା ବ୍ରାହ୍ମଣ ସାହି ରାଧାକୃଷ୍ଣ ମନ୍ଦିରରେ ରାଧାକୃଷ୍ଣଙ୍କୁ ଝୁଲାଯାଉଛି ।



ଗୁଣପୁର ସରସ୍ୱତୀ ଶିଶୁ ମନ୍ଦିରରେ କାର୍ଯ୍ୟକ୍ରମ ।



ମୁନିଗୁଡ଼ା ସରସ୍ୱତୀ ଶିଶୁ ମନ୍ଦିରରେ ପିଲାଙ୍କ ବିଭିନ୍ନ ବେଶ ।



ଉମରକୋଟ ରାମ ମନ୍ଦିରଠାରେ ପିଲାଙ୍କ ବିଭିନ୍ନ ବେଶ ।

## ସଂକ୍ଷେପରେ

### ୨ଜଣଙ୍କୁ ଆହତକଲେ ମାନସିକ ବିକାରଗ୍ରସ୍ତ ଯୁବକ

ମାଲକାନଗିରି, ୧୮।୮ (ଡି.ଏନ୍.ଏ.)-ଜଣେ ମାନସିକ ବିକାରଗ୍ରସ୍ତ ଯୁବକ ପଥର ଓ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ଦୁଇଜଣ ଯୁବକଙ୍କୁ ଆହତ କରିଛନ୍ତି। ସାଧୁ ନାମକ ଏହି ଯୁବକ ବୁଧବାର ଏକ ଧାରୁଆ ଅସ୍ତ୍ର ଧରି ଗୋଡ଼ାଇ ଗୋଡ଼ାଇ ଜଣଙ୍କୁ ଗଳା କାଟି ଆହତ କରିଥିବା ବେଳେ ଆଉ ଜଣଙ୍କୁ ପଥର ମାରି ମୁଣ୍ଡ ଫଟାଇଥିବା ଜଣାପଡ଼ିଛି। ତାଙ୍କ ଘର କୋରୁକୋଣ୍ଡା ଅଞ୍ଚଳରେ। ପୋଲିସ ତାଙ୍କୁ ଗିରଫକରି କୌଣସି ପାଗଳଖାନାରେ ରଖିବା ବ୍ୟବସ୍ଥା କରିବାକୁ ଦାବି ହେଉଛି।

### ଭିନ୍ନକ୍ଷମ ମହିଳାଙ୍କ ମୃତଦେହ ମିଳିଲା

ମାଲକାନଗିରି,୧୮।୮(ସ୍ୱ.ପ୍ର.)- ।ଲକାନଗିରି ଜିଲା ସଦର ବ୍ଲକ ଅନ୍ତର୍ଗତ ଏମ୍ଭି-୪୫ ଗ୍ରାମ ନିକଟରୁ ଜଣେ ଭିନ୍ନକ୍ଷମ ମହିଳାଙ୍କ ମୃତଦେହ ଜବତ ହୋଇଛି। ତାଙ୍କ ନାମ ରୀନା ନାୟକ,ସେ ଏମ୍ଭି-୨ ଗ୍ରାମର ସନ୍ତୋଷ ନାୟକଙ୍କ ସ୍ତ୍ରୀ। ତାଙ୍କର ୩ଟି ସନ୍ତାନ ଅଛନ୍ତି। ତେବେ କେଉଁ କାରଣରୁ ରୀନାଙ୍କର ମୃତ୍ୟୁ ହୋଇଛି ଜଣାପଡିନାହିଁ। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

### ସରସ୍ୱତୀ ଶିଶୁମନ୍ଦିରରେ ଜନ୍ମାଷ୍ଟମୀ

ଦଶମନ୍ତପୁର,୧୮।୮(ଡି.ଏନ.ଏ.)- କୋରାପୁଟ ଜିଲା ଦଶମନ୍ତପୁର ବ୍ଲକସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଗୁରୁବାର ଜନ୍ମାଷ୍ଟମୀ ଉତ୍ସବ ପାଳନ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଅନୁପମା ମିଶ୍ରଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ରମାକାନ୍ତ ଦଳାଇ, ସମ୍ମାନିତ ଅତିଥି ଭାବେ ବଜେନ୍ଦ୍ର କଂସାରି, ଗୁରୁମା ବାସନ୍ତୀ ବାରିକ, ରଶ୍ମିତା ପୃଷ୍ଟି , ସବିତା ନାୟକ, ସସ୍ମିତା ପରମଗୁରୁ, ରୂପଶ୍ରୀ ନାୟକ, କାଜଲ ସେମର୍ଲିଆଙ୍କ ସମେତ ୬୦ରୁ ଉର୍ଦ୍ଧ୍ୱ ଶିଶୁ ଓ ଅଭିଭାବକମାନେ ଉପସ୍ଥିତ ରହିଥିଲେ । ଏହି ଅବସରରେ ଶିଶୁମାନେ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇଥିଲେ। ସେମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

### ଗଞ୍ଜେଇ ଜବତ, ମହିଳା ଗିରଫ

ଜୟପୁର, ୧୮।୮ (ନି.ପ୍ର.)-ଘରେ ଗଞ୍ଜେଇ ରଖି ବେନିୟମ ଭାବେ ବିକ୍ରି କରୁଥିବା ଜଣେ ମହିଳାଙ୍କୁ ଟାଉନ ଥାନା ପୋଲିସ ଗୁରୁବାର ଗିରଫ କରିଛି। ସେ ହେଲେ ହାଇଦ୍ରାବାଦ କଲୋନୀର ସାଗିବି (୫୬ । ଗଞ୍ଜେଇ କାରବାର ଯୋଗୁ ସେଠାରେ ଅସାମାଜିକ ଲୋକଙ୍କ ଭିଡ଼ ଜମୁଥିଲା । ଏନେଇ ପୋଲିସ ନିକଟରେ ଅଭିଯୋଗ ହେବାରୁ ପୋଲିସ ଚଢ଼ାଉ କରି ଏକ ପ୍ଲାଷ୍ଟିକ ଜାରରେ ଥିବା ୧ କେଜି ୩ ଶହ ଗ୍ରାମ ଗଞ୍ଜେଇ ଜବତ କରିଥିବା ଥାନା ଅଧିକାରୀ ସଞ୍ଜୟ ମଣ୍ଡଳ କହିଛନ୍ତି।

### ଜନ୍ମାଷ୍ଟମୀରେ ଗୋସୁରକ୍ଷା ସମିତିକୁ ଦାନ

କୁନ୍ଦୁରା,୧୮।୮(ଡି.ଏନ.ଏ.)-କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଡଙ୍ଗରପାଉଁଶି ପଞ୍ଚାୟତସ୍ଥିତ ୨ଟି ବ୍ୟବସାୟ ପ୍ରତିଷ୍ଠାନ ପକ୍ଷରୁ ଜୟପୁର ପାରାବେଡ଼ାସ୍ଥିତ ଗୋଶାଳାର ବିଭିନ୍ନ ଖର୍ଚ୍ଚ ପାଇଁ ୧୨,୧୦୦ ଟଙ୍କା ଦାନ କରାଯାଇଛି। ଏହି ୨ଟି ଦୋକାନରେ ୨ଟି ହୁଣ୍ଡି ରଖାଯାଇଛି। କେତେଜଣ ଗୋସେବକ ହୁଣ୍ଡିରେ ଅର୍ଥ ଦାନ କରିଥାନ୍ତି। ଜନ୍ମାଷ୍ଟମୀରେ ଗ୍ରାମର କୁନି କୁନି ପିଲାମାନେ ଗୋଶାଳାକୁ ଅର୍ଥଦାନ କରିବାକୁ ଗ୍ରାମର ଘର ଘର ବୁଲି ଦାନ ଗ୍ରହଣ କରିଥାନ୍ତି। ଗ୍ରାମର ସୁଜିତ ଶତପଥୀ,ସୁମନ୍ତ ଭଞ୍ଜ,ସିଦ୍ଧାନ୍ତ ବିଜୟ କୁମାର,ରାଜୀବ ଭଞ୍ଜ ପ୍ରମୁଖ ଜୟପୁର ଗୋସେବା ସମିତିକୁ ଅର୍ଥଦାନ କରିଥିବା ଜଣାପଡ଼ିଛି।

# ଗଛ ପଡ଼ି ରାସ୍ତା ଅବରୋଧ

ମାଲକାନଗିରି, ୧୮।୮(ଡି.ଏନ.ଏ.)

ମାଲକାନଗିରି ସଦର ମହାକୁମ୍ଭାରୁ ଛତିଶଗଡ଼ର ସୁକ୍ମାକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ଗଛ ପଡି ଗୁରୁବାର ଦୀର୍ଘ ସମୟ ଧରି ରାସ୍ତା ଅବରୋଧ ହୋଇଥିଲା। ଏଥିଯୋଗୁ ଦୀର୍ଘ ସମୟ ଧରି ଯାତାୟତ ବନ୍ଦ ରହିଥିଲା। ମୁଖ୍ୟ ରାସ୍ତାର ଟିଟିବେରୀ ଗ୍ରାମ ନିକଟରେ ଏହି ଗଛ ଉପୁଡି ପଡିଥିଲା। ଫଳରେ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଖବର ପାଇ ଜିଲା ପ୍ରଶାସନ ପକ୍ଷରୁ ଏକ ଉଦ୍ଧାରକାରୀ ଦଳ ଘଟଣା ସ୍ଥଳରେ ପହଞ୍ଚି ପଡିଥିବା ଗଛ କାଟି ରାସ୍ତା ସଫା କରିଥିଲେ । ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।


ଗଛ ଉପୁଡି ରାସ୍ତା ଅବରୋଧ ହୋଇଛି।

## ଆଧାର, ଭୋଟର ପରିଚୟପତ୍ର ସଂଯୋଗୀକରଣ କର୍ମଶାଳା

ମାଲକାନଗିରି,୧୮।୮ (ଡି.ଏନ.ଏ.)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ନୀଳାକାମ୍ବେରୁ ପଞ୍ଚାୟତର ବାଲିମେଳା ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟଠାରେ ଆଧାର ଓ ଭୋଟର କାର୍ଡ ସଂଯୋଗୀକରଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମାଲକାନଗିରି ଉପଜିଲାପାଳ ତଥା ନିର୍ବାଚନ ଅଧିକାରୀ ଅକ୍ଷୟ ଖେମୁଣ୍ଡୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଜିଲା ସହକାରୀ ଜିଲାପାଳ ଅଜୟ ମାର୍ଣ୍ଡି, ବାଲିମେଳା ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର ରଥ, ମହାବିଦ୍ୟାଳୟ ଅଧ୍ୟକ୍ଷ ଅମୂଲ୍ୟ ପ୍ରଧାନ, ଅଧ୍ୟାପକ ସୁରେଶ ଚନ୍ଦ୍ର ତ୍ରିପାଠୀ, ଓର୍କେଲ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ କଙ୍କଣ ବିଶ୍ୱାସ ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଆଗାମୀ ଦିନରେ ଆଧାର ଓ ଭୋଟର କାର୍ଡ ସଂଯୋଗୀକରଣ ହେବ। ଏହା ଦ୍ୱାରା ନିର୍ଭୁଲ୍ ଭୋଟର କାର୍ଡ ପ୍ରସ୍ତୁତ ହୋଇପାରିବ। କର୍ମଶାଳାରେ ଯୋଗଦେଇଥିବା ସୁପରଭାଇଜର ଏବଂ ବିଏଲ୍ଓ ଛାତ୍ରୀଛାତ୍ରୀଙ୍କୁ ଆଧାର ଓ ଭୋଟର ପରିଚୟପତ୍ର ସଂଯୋଗୀକରଣ ସମ୍ପର୍କରେ ପ୍ରଶିକ୍ଷଣ ଦେବା, ଏକ ସ୍ୱତନ୍ତ୍ର ଆପ୍ ମୋବାଇଲରେ ଡାଉନ୍ଲୋଡ୍ କରି ସଂଯୋଗୀକରଣ କରାଇବାକୁ ନିଷ୍ପତ୍ତି ହୋଇଥିଲା।


କୋରାପୁଟ ଜିଲା ଦଶମନ୍ତପୁର ସରସ୍ୱତୀ ଶିଶୁମନ୍ଦିରରେ ଗୁରୁବାର ଜନ୍ମାଷ୍ଟମୀ ଉତ୍ସବରେ ଛାତ୍ରୀଛାତ୍ରମାନେ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇଛନ୍ତି।

## ଚିତ୍ରକୋଣ୍ଡା ଏସ୍ଡିପିଓଙ୍କ ବଦଳି ନ ହେଲେ ଧାରଣା: କଂଗ୍ରେସ

ମାଲକାନଗିରି,୧୮।୮ (ଡି.ଏନ୍.ଏ.)

ଗତ ଦୁଇମାସ ତଳେ ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ଆର୍.ଏସ୍.ସି.-୧୩ ଗ୍ରାମରେ ରାତିରେ ଚିତ୍ରକୋଣ୍ଡା ଏସ୍ଡିପିଓ ଅଂଶୁମାନ ଦ୍ୱିବେଦୀ ପୋଲିସ ଟିମ୍ ନେଇ ପଶିଥିଲେ। ଏକ ଗଞ୍ଜେଇ ଚୋରା ଚାଲାଣ ଘଟଣାରେ ମହିଳମାନଙ୍କୁ ମାଡ ମାରିଥିଲେ। ଏହାକୁ ନେଇ ତାଙ୍କ ବିରୋଧରେ କଂଗ୍ରେସ ମାମଲା ରୁଜୁ କରିଥିଲା। ତେବେ ଦଳ ପକ୍ଷରୁ ତାଙ୍କୁ ଚାକିରିରୁ ନିଲମ୍ବିତ ଏବଂ ତୁରନ୍ତ ବଦଳି କରିବାକୁ ଦାବି କରାଯାଇଥିଲା। ମାତ୍ର ଏ ପର୍ଯ୍ୟନ୍ତ ଦ୍ୱିବେଦୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ କଂଗ୍ରେସ ଦଳ ଧାରଣା ଦେବାକୁ ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ଚେତାବନୀ ଦେଇଛି। ଆସନ୍ତା ୧୫ ଦିନ ମଧ୍ୟରେ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେଲେ ଆସନ୍ତା ୨ ତାରିଖରୁ ଜିଲା ବନ୍ଦ ସହ ଆନ୍ଦୋଳନ କରାଯିବ ବୋଲି ଜିଲା କଂଗ୍ରେସ ସଭାପତି ଗୋବିନ୍ଦ ପାତ୍ର କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜି. ଶ୍ରୀନିବାସ ରାଓ, ପଦ୍ମ ପାଙ୍ଗି, ପି. କେଶୁ ରାଓ, ମଙ୍ଗୁ ଖିଲଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି।

## ଜୟପୁରରେ ଜନ୍ମାଷ୍ଟମୀ ଉତ୍ସବ

ଜୟପୁର,୧୮।୮(ନି.ପ୍ର.)

ଜୟପୁରରେ ବିଭିନ୍ନ ଅନୁଷ୍ଠାନ ତରଫରୁ ଜନ୍ମାଷ୍ଟମୀ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ଜୟପୁର ଜଗନ୍ନାଥ ମନ୍ଦିରରେ ଜଗନ୍ନାଥଙ୍କୁ କୃଷ୍ଣ ବେଶରେ ସଜ୍ଜିତ କରାଯାଇଥିଲା । ଶ୍ରୀଜୀଉଙ୍କ ନିକଟରେ ସ୍ୱତନ୍ତ୍ର ନୀତିକାନ୍ତି ଓ ଆଳତି ଲାଗି ହୋଇଥିଲା। ରଘୁନାଥ ମନ୍ଦିରରେ ପ୍ରଭୁ ରାମଙ୍କୁ କୃଷ୍ଣବେଶରେ ସଜ୍ଜିତ କରାଯାଇଥିଲା। ସେହିପରି ଶାରଦାବିହାରସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିର ପକ୍ଷରୁ ଜନ୍ମାଷ୍ଟମୀ ଉତ୍ସବ ସହ ଗୋପୂଜନ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଛି । ମାଦଳାସାହିସ୍ଥିତ କୁଞ୍ଜବିହାରୀ ମନ୍ଦିରଠାରେ ଶିଶୁମାନଙ୍କ ଦ୍ୱାରା ଦହିହାଣ୍ଡି ଭଙ୍ଗା କାର୍ଯ୍ୟକ୍ରମ ହୋଇଥିଲା। ସେହିପରି ଅରବିନ୍ଦନଗର ଶିଶୁ ବିଦ୍ୟାମନ୍ଦିରରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଛି। ମୁଖ୍ୟ ଅତିଥି ରୂପେ ବିପିନ ପାତ୍ର ଯୋଗଦେଇ ଏହାର ଶୁଭାରମ୍ଭ କରି ଭଗବତ ଗୀତାର କର୍ମଯୋଗ ଉପରେ ଆଲୋକପାତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଲକ୍ଷ୍ମୀକାନ୍ତ ମିଶ୍ରଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ କବିତା ପାତ୍ର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଶିଶୁମାନଙ୍କ ମଧ୍ୟରେ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ରାସ୍ତା ପାର୍ଶ୍ୱରେ ଏବଂ ସୌରାଗୁଡ଼ା ସାଇମନ୍ଦିରଠାରେ ବୃକ୍ଷରୋପଣ କରାଯାଇଥିଲା। ଏହାକୁ ଗୁରୁମା ଗୁରୁଜୀମାନେ ପରିଚାଳନା କରିଥିଲେ।


ଜୟପୁର ସରସ୍ୱତୀ ଶିଶୁମନ୍ଦିରରେ ଛାତ୍ରୀଛାତ୍ରମାନେ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇଛନ୍ତି ।

## ବାଇକ୍ ଦେବା ବାହାନାରେ ୬ହଜାର ୨ଶହ ନେଇଗଲେ

ମାଲକାନଗିରି, ୧୮।୮(ଡି.ଏନ.ଏ.)

ଏକ ବାଇକ୍ ବିକ୍ରି କରିବା ବାହାନାରେ ଜଣେ ଯୁବକଙ୍କଠାରୁ ୬ହଜାର ୨ଶହ ଟଙ୍କା କେତେକ ଦୁର୍ବୃତ୍ତ ଲୁଟିନେଇଛନ୍ତି। ମାଲକାନଗିରି ପୌରପରିଷଦ ଅନ୍ତର୍ଗତ ଟେକଗୁଡା ସାହିରେ ରହୁଥିବା ଶ୍ରୀରାମ ବୈରାଗୀଙ୍କୁ ଜଣେ ବ୍ୟକ୍ତି ଅଳ୍ପ ଟଙ୍କାରେ ଏକ ବାଇକ୍ ବିକ୍ରି କରିବି କହି ଫୋନ ଯୋଗେ ଯୋଗଯୋଗ କରିଥିଲେ। ପରେ ସେ ଶ୍ରୀରାମଙ୍କ ନିକଟକୁ ହ୍ୱାଟସଅପ୍ ବାଇକ୍ର ଫୋଟ ପଠାଇବା ସହ ମାତ୍ର ୨୨ ହଜାର ଟଙ୍କାରେ ବାଇକ୍ ବିକ୍ରି କରିଦେବି କହି ପ୍ରଲୋଭିତ କରାଇଥିଲେ। ଏଥିରେ ଶ୍ରୀରାମ ରାଜି ହୋଇଥିଲେ। ସମ୍ପୃକ୍ତ ଯୁବକ ଜଣକ କିଛି ସମୟ ପରେ ପୁଣି ଶ୍ରୀରାମଙ୍କୁ ଯୋଗାଯୋଗ କରି ଗାଡିଟି ଅଧା ରାସ୍ତାରେ ଅଛି ୧୨ଶହ ଟଙ୍କା ପଠାଇଲେ ସେ ତେଲ ଭରି ଗାଡିକୁ ପଠାଇଦେବେ ବୋଲି କହିଥିଲେ। ତେବେ ଶ୍ରୀରାମ ମଧ୍ୟ ଏଥିରେ ରାଜି ହୋଇ ୧୨ଶହ ଟଙ୍କା ଫୋନ ମାଧ୍ୟମରେ ପଠାଇଥିଲେ। କିଛି ସମୟ ପରେ ଯୁବକ ଜଣକ ପୁଣି ଶ୍ରୀରାମଙ୍କୁ ଫୋନ କରି ଗାଡିଟିକୁ ପୋଲିସ ଅଟକାଇ ରଖିଛନ୍ତି ୫ହଜାର ଟଙ୍କା ଦେଲେ ଛାଡିବେ ବୋଲି କହୁଛନ୍ତି। ତେଣୁ ୫ହଜାର ଟଙ୍କା ପଠାଇବାକୁ ଶ୍ରୀରାମଙ୍କୁ ଅନୁରୋଧ କରିଥିଲେ। ଶ୍ରୀରାମ ରାଜି ହୋଇ ୫ହଜାର ଟଙ୍କା ପଠାଇଥିଲେ। ପରେ ଅନେକ ସମୟ ପର୍ଯ୍ୟନ୍ତ ସମ୍ପୃକ୍ତ ଯୁବକ ବାଇକ୍ ଧରି ନ ଆସିବାରୁ ଶ୍ରୀରାମ ସେହି ନମ୍ବରରେ ଯୋଗାଯୋଗ କରିଥିଲେ। ସମ୍ପୃକ୍ତ ଯୁବକ ଜଣକ ଶ୍ରୀରାମଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଧମକ ଚମକ ଦେଇଥିଲେ। ତାଙ୍କଠାରୁ ନେଇଥିବା ଆଧାର କାର୍ଡ ଫୋଟ ମାଧ୍ୟମରେ ସେ ବିଭିନ୍ନ ସଂସ୍ଥାରୁ ଶ୍ରୀରାମଙ୍କ ନାମରେ ଋଣ ଉଠାଇ ତାଙ୍କୁ ଫସାଇ ଦେବେ ବୋଲି କହିଥିଲେ ।


ଅଭିନବ ଉପାୟରେ ଟଙ୍କା ଠକି ନେଇଥିବା ଯୁବକ।

**ଅଭିନବ ଉପାୟରେ ଲୁଟ୍**

## ଘଟଣାସ୍ଥଳ ପରିଦର୍ଶନ କରି ଫେରିଲେ ଉଚ୍ଚସ୍ତରୀୟ ଟିମ୍

**ବଙ୍ଗଳାଗୁଡା ପୋଲ ଭୁଶୁଡିବା ଘଟଣା**

କୋରାପୁଟ,୧୮।୮(ସ୍ୱ.ପ୍ର.)

କୋରାପୁଟ - ରାୟଗଡା ରାସ୍ତାର ବଙ୍ଗଳଗୁଡା- ଲେନ୍ଦିରି ମାଳିଗୁଡା ଗ୍ରାମ ମଧ୍ୟରେ ଥିବା ୩୨୬ ନଂ.ଜାତୀୟ ରାଜପଥରେ ଥିବା ୬୦ ଫୁଟ୍ର ପୋଲ ଗତ ମଙ୍ଗଳବାର ଅପରାହ୍ଣରେ ଭୁଶୁଡିପଡିଥିଲା। ଏଥିଯୋଗୁଁ କୋରାପୁଟ- ରାୟଗଡା ମଧ୍ୟରେ ଗାଡି ଚଳାଚଳ ପ୍ରଭାବିତ ହୋଇଛି । ଏହି ପୋଲ କାହିଁକି ଓ କେଉଁ କାରଣରୁ ଭାଙ୍ଗିଲା ସେନେଇ ଅନୁଧ୍ୟାନ ପାଇଁ ଭୁବନେଶ୍ୱରରୁ ଏକ ଉଚ୍ଚସ୍ତରୀୟ ଟିମ୍ ଘଟଣା ସ୍ଥଳ ପରିଦର୍ଶନ କରି ଫେରିଛନ୍ତି। ଏହି ଟିମ୍ରେ ଭୁବନେଶ୍ୱର ମୁଖ୍ୟ ନିର୍ବାହୀ ଯନ୍ତ୍ରୀ ମହେଶ ମହାନ୍ତି ଓ କେନ୍ଦ୍ର ଜାତୀୟ ରାଜପଥ ମନ୍ତ୍ରାଣାଳୟର ଆଞ୍ଚଳିକ ଅଧିକାରୀ ପ୍ରସନ୍ନ କୁମାର ସେନାପତି ଥିଲେ। ଏହି ଉଚ୍ଚସ୍ତରୀୟ ଟିମ ଆପ୍ରୋଚ ରୋଡ ପାଇଁ ଡାଇଗ୍ରାମ କାଟିଥିବାବେଳେ ସମୟକ୍ରମେ ବ୍ରିଜ ତିଆରି ପାଇଁ ଯୋଜନା କରାଯିବ ବୋଲି ଜଣାପଡିଛି । କିଛି ବର୍ଷ ହେବ ପୋଲ ମରାମତି ଅଭାବରୁ ବର୍ଷାରେ ପୋଲ ପାର୍ଶ୍ୱ ମାଟି ଖାଇଯାଇଥିଲା। ଗତ କିଛିଦିନ ହେଲା କୋରାପୁଟ ଜିଲାରେ ପ୍ରବଳ ବର୍ଷା ହୋଇଥିବାରୁ ପଥର ବନ୍ଧ ଭୁଷୁଡି ପଡି ପୋଲର ଗୋଟିଏ ପାର୍ଶ୍ୱ ଭୁଶୁଡି ପଡିଥିଲା । ଏହି ଟିମ ପରିଦର୍ଶନ ପରେ ଏକ ରିପୋର୍ଟ ଜାତୀୟ ରାଜପଥ ବିଭାଗକୁ ପ୍ରଦାନ କରିବେ। ପରେ ଯାହା ନିର୍ଦ୍ଦେଶ ଆସିବ ସେହି ଅନୁସାରେ କାର୍ଯ୍ୟ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏବେ କୋରାପୁଟ ରାୟଗଡା ମଧ୍ୟରେ ଚଳାଚଳ କରୁଥିବା ଗାଡିଗୁଡିକ ଭାୟା କାକିରିଗୁମ୍ମା ଦେଇ ଦାମନଯୋଡି ହୋଇ କୋରାପୁଟ ଆସୁଛି। ସେହିପରି କୋରାପୁଟରୁ ଭାୟା ମଣ୍ଡିପୁଟ, ଆଡମଣ୍ଡା ମାଲକାନାଗିରି ଦେଇ ପୋଡାଗଡରେ ବାହାରି ରାୟଗଡା ଯାଉଥିବା ଜଣାପଡିଛି।


ଘଟଣା ସ୍ଥଳ ଅନୁଧ୍ୟାନ କରୁଥିବା ଉଚ୍ଚସ୍ତରୀୟ ଟିମ୍।

## ତର୍ଲାକୋଟା ଘାଟିରେ ପାହାଡ଼ରୁ ଖସିଲା ପଥର

କୋରୁକୋଣ୍ଡା,୧୮।୮(ଡି.ଏନ.ଏ)

କିଛିଦିନ ହେଲା ସାରା ରାଜ୍ୟରେ ଲଘୁଚାପଜନିତ ବର୍ଷା ଲାଗିରହିଛି। ଏହାର ପ୍ରଭାବରେ ମାଲକାନଗିରି ଜିଲାରେ ମଧ ବର୍ଷା ଜାରି ରହିଛି। କୋରୁକୋଣ୍ଡା ବ୍ଲକ ତର୍ଲାକୋଟା ଘାଟିରେ ଗୁରୁବାର ପାହାଡ଼ରୁ ପଥର ଖସି ରାସ୍ତା ଉପରେ ପଡ଼ିଛି। ମାଲକାନଗିରି ଜିଲା ସଦର ମହକୁମାରୁ ବାଲିମେଳାକୁ ସଂଯୋଗ କରୁଥିବା ଏହି ମୁଖ୍ୟ ରାସ୍ତାର ଉକ୍ତ ପାହାଡ଼ରୁ ପଥର ଖସିବା ଯୋଗୁ କିଛି ସମୟ ପାଇଁ ଗାଡ଼ିମୋଟର ବନ୍ଦ ହୋଇଯାଇଥିଲା । ଆହୁରି ପଥର ଖସିବା ଆଶଙ୍କାରେ ଲୋକେ ଯାତାୟାତ କରିବା ଲାଗି ଭୟ କରୁଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକେ କିଛି ପଥର ଖଣ୍ଡକୁ ରାସ୍ତା ଉପରୁ ବାହାର କରିବା ପରେ ରାସ୍ତାରେ ଯାତାୟାତ ସ୍ୱାଭାବିକ ହୋଇଥିଲା।


ପାହାଡ଼ ଉପରୁ ଖସିଥିବା ପଥର।

## ଡିଏମ୍ଆର୍ ପ୍ରତିନିଧି ଦଳ ସହ ବିଭିନ୍ନ ସଙ୍ଗଠନର ଆଲୋଚନା

କୋଟପାଡ଼,୧୮।୮(ଡି.ଏନ୍.ଏ.)

କୋରାପୁଟ ଜିଲା କୋଟପାଡ଼ ନିକଟସ୍ଥ ଭୋନସୁଲି-କୋଟପାଡ଼ ରୋଡ୍ ରେଳ ଷ୍ଟେଶନରେ ଟ୍ରେନ୍ ରହଣି ନେଇ ଅଗଷ୍ଟ ୧ରେ ବିଶାଖାପାଟଣା ରେଳ ଡିଭିଜନକୁ ବିଭିନ୍ନ ସଙ୍ଗଠନ ଏକ ଦାବିପତ୍ର ଦେଇଥିଲେ। ଟ୍ରେନ ରହଣି ନେଇ ମଧ ନବରଙ୍ଗପୁର ଏମ୍ପି, ସ୍ଥାନୀୟ ବିଧାୟକ, ରେଳମନ୍ତ୍ରୀ, କୋରାପୁଟ ଜିଲାପାଳ ଓ ରେଳ ଡିଭିଜନ ଅଧିକାରୀଙ୍କୁ ଏନ୍ଏସି ଅଧ୍ୟକ୍ଷ, ଆଇନଜୀବୀ ସଂଘ, ଅବସରପ୍ରାପ୍ତ କର୍ମଚାରୀ ଦାବିପତ୍ର ପ୍ରଦାନ କରିଥିଲେ । ପୂର୍ବରୁ ଭୋନସୁଲି ଷ୍ଟେଶନରେ ଜଗଦଲପୁର-ଭୁବନେଶ୍ୱର ହୀରାଖଣ୍ଡ ଏକ୍ସପ୍ରେସ, ରାଉରକେଲା- କିରାଣ୍ଡୁଲ- ବିଶାଖାପାଟଣା ନାଇଟ୍ ଏକ୍ସପ୍ରେସ୍ ଟ୍ରେନ ରହୁଥିଲା। ଗତ ୨ବର୍ଷ ହେବ କୋଭିଡ୍ କଟକଣା ଯୋଗୁ ଉପରୋକ୍ତ ଷ୍ଟେଶନଗୁଡିକରେ ଟ୍ରେନ ରହଣି ବନ୍ଦ ଥିଲା। ପରବର୍ତ୍ତୀ ସମୟରେ ଟ୍ରେନଗୁଡ଼ିକ ଚାଲୁ ହୋଇଥିଲେ ସୁଦ୍ଧା ଏଠାରେ ଟ୍ରେନଗୁଡିକ ରହୁନାହିଁ। ଫଳରେ ଏହି ଅଞ୍ଚଳରୁ ଲୋକେ ୩୫ କି.ମି. ଦୂର ଜଗଦଲପୁର କିମ୍ବା ୫୦ କି.ମି. ଦୂର ଜୟପୁର ଯାଇ ଟ୍ରେନଯାତ୍ରା କରୁଛନ୍ତି। ଏହି ଅଞ୍ଚଳର ବିଦ୍ୟାର୍ଥୀ, ରୋଗୀ, ବ୍ୟବସାୟୀ ଅଧିକାଂଶ ବିଶାଖାପାଟଣା କିମ୍ବା ଭୁବନେଶ୍ୱର ଉପରେ ନିର୍ଭର କରିଥାନ୍ତି । ଅଗଷ୍ଟ ୨୧ରେ ରେଳରୋକୋ କରିବାକୁ ଦାବିପତ୍ରରେ ଉଲ୍ଲେଖ କରିଥିଲେ। ଏହାକୁ ନେଇ ବିଶାଖାପଟଣା ରେଳ ଡିଭିଜନ ଡିଏମ୍ଆର୍ ଏକ ପ୍ରତିନିଧି ଦଳ ବୁଧବାର ପଠାଇଥିଲେ । ଏହି ଦଳ ଏନ୍ଏସି ଅଧ୍ୟକ୍ଷ ଶଙ୍କର ରାଓଙ୍କ ସମେତ ବିଭିନ୍ନ ସଙ୍ଗଠନ, ରାଜନୈତିକ ଦଳ ପ୍ରତିନିଧି ଓ ବୁଦ୍ଧିଜୀବୀମାନଙ୍କ ସହ ଆଲୋଚନା କରି ରେଳରୋକୋ ନ କରିବାକୁ ପରାମର୍ଶ ଦେଇ ୧୯ରେ ଏଡିଆର୍ଏମ୍ କୋଟପାଡ଼ ଆସି ସମସ୍ତଙ୍କ ସହ ଆଲୋଚନା କରି ରେଳ ରହଣି ଉପରେ ଆଲୋଚନା କରିବେ ବୋଲି କହିଥିଲେ । ଉକ୍ତ ପ୍ରତିନିଧି ଦଳରେ ରେଳ ବିଭାଗର ଆର୍ପିଏଫ୍ ସବ୍ ଇନ୍ସପେକ୍ଟର ଏନ୍.ଜଗନ୍ନାଥ ରାଓ, ଇଣ୍ଟେଲିଜେଞ୍ଚର ଜେ.ପି. ନାୟକ, କୋରାପୁଟ ରେଳ ବିଭାଗର ସ୍ୱତନ୍ତ୍ର ଗୋଇନ୍ଦା ବିଭାଗର ସି.କେ. ଭୋଇ, ଡି. ବାଗା ଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୌର ପରିଷଦର ଉପାଧ୍ୟକ୍ଷ ଏମ୍.ସନ୍ତୋଷୀ, ଗଣେଶ ପଣ୍ଡା, ଏମ୍ପି ପ୍ରତିନିଧି, ରାଜୁ ବକ୍ସି, ଶିବ ପଟ୍ଟନାୟକ, ବୀରେନ ବିଷୋୟୀ ଉପସ୍ଥିତ ଥିଲେ।


ଆଲୋଚନା କରିବାକୁ ଆସିଥିବା ପ୍ରତିନିଧି ।

## ସ୍ୱାଭିମାନ ଅଞ୍ଚଳରେ ମାଣ୍ଡିଆ ତଳି ରୋପଣ କାର୍ଯ୍ୟକ୍ରମ

ଚିତ୍ରକୋଣ୍ଡା,୧୮।୮(ଡି.ଏନ୍.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳରେ ଶିଶୁ ଓ ମହିଳା କଲ୍ୟାଣ ସମିତି, ଜିଲା କୃଷି ବିଭାଗ, ୱାସନ ଓ ଆତ୍ମା ସହାୟତାରେ ମିଲେଟ ମିଶନ ଦ୍ୱାରା ମାଣ୍ଡିଆ ତଳି ରୋପଣ କାର୍ଯ୍ୟକ୍ରମ ହୋଇଛି। କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ସ୍ୱାଭିମାନ ଅଞ୍ଚଳର ବଡ଼ପଡ଼ା, ପାପରମେଟେଲା, ରାଲେଗଡ଼ା . ଓ ଧୂଳିପୁଟ ପଞ୍ଚାୟତର ବିଭିନ୍ନ ଗ୍ରାମରେ ମାଣ୍ଡିଆ ଓ ସୁଆଁ ରୋପଣ ଚାଲିଛି । ଚଳିତ ବର୍ଷ ସ୍ୱାଭିମାନ ଅଞ୍ଚଳରେ ୧୩୮୦ ହେକ୍ଟର ଜମିରେ ୧ ହଜାର ୯ଶହ ଚାଷୀଙ୍କୁ ଏହି ଚାଷ ପାଇଁ ଚୟନ କରାଯାଇଛି। ଗୋଷ୍ଠୀ ମାଧ୍ୟମରେ ମାଣ୍ଡିଆ ଗୁଣ୍ଡ କରିବା ଯନ୍ତ୍ର ପ୍ରଦାନ କରାଯାଇଛି । ମାଣ୍ଡିଆ ଚାଷ କରି ଚାଷୀ ମଧ ବେଶ୍ ଉପକୃତ ହେଉଛନ୍ତି। ଗତବର୍ଷ ଚାଷୀ ମାଣ୍ଡିଆ କି.ଗ୍ରା. ପ୍ରତି ୩୨.୯୫ ପଇସାରେ ମଣ୍ଡିରେ ବିକ୍ରି କରିଥିଲେ। ଏଥିସହିତ ଜିଲାରେ ମାଣ୍ଡିଆ ଚାଷ କରୁଥିବା ମହିଳା ଗୋଷ୍ଠୀ ସଦସ୍ୟା, ମାଣ୍ଡିଆ ଚାଷୀ ଓ ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟରତ ସିଆର୍ପିମାନଙ୍କୁ ନେଇ ମାଣ୍ଡିଆରେ ବରା, ପକୋଡି, ଇଡ୍ଲି, ଆଳୁଚପ୍, ଚକୁଳି ପିଠା, ଉପମା, ଦହିବରା,ସିଙ୍ଗଡା, ଗୋଲାପଜାମୁ, ରସକୋଲା ଆଦି ଜଳଖିଆ ପ୍ରସ୍ତୁତ ନେଇ ତାଲିମ ପ୍ରଦାନ କରାଯାଇଛି। ଜଣେ ଚାଷୀ କିମ୍ବା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଜଳଖିଆ ଦୋକାନ କରି ସ୍ୱାବଲମ୍ବୀ ହୋଇପାରିବେ। କାର୍ଯ୍ୟକ୍ରମକୁ ମିଲେଟ ମିଶନ ପ୍ରକଳ୍ପ ସଂଯୋଜକ ତପନ ରଥ, ସୁରେଶ ଚନ୍ଦ୍ର ପୂଜାରୀ, ତ୍ରିନାଥ ଖେମୁଡୁ ଓ ରାକେଶ ମହାରଣା ପରିଚାଳନା କରିଥିଲେ।


ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳରେ ମାଣ୍ଡିଆ ଚାଷ ପାଇଁ ରୋପଣ କରାଯାଉଥିବା ତଳି।

